# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**3 September – 2025**

---

## ଜିଏସଟି ପରିଷଦ ବୈଠକ

ନୂଆଦିଲ୍ଲୀରେ ଆଜି ଦ୍ରବ୍ୟ ଓ ସେବା କର- ଜିଏସଟି ପରିଷଦର ୫୬ତମ ବୈଠକ ଆରମ୍ଭ ହେବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇଦିନିଆ ବୈଠକରେ ଜିଏସଟି ସଂସ୍କାର ଉପରେ ଆଲୋଚନା ହେବ । ଆତ୍ମନିର୍ଭର ଭାରତ ଗଠନ ପାଇଁ ଗତମାସରେ ଅନୁଷ୍ଠିତ କେନ୍ଦ୍ର ମନ୍ତ୍ରିସ୍ତରୀୟ ଗୋଷ୍ଠୀ ବୈଠକରେ ଜିଏସଟିରେ କେତେକ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ନେଇ ପ୍ରସ୍ତାବ ଦେଇଛନ୍ତି ।

---

## ମେଡ଼ିକାଲ ସିଟ୍

ରାଜ୍ୟର ଦୁଇଟି ସରକାରୀ ମେଡ଼ିକାଲ କଲେଜରେ ୨୦୦ ଏମ୍‌ବିବିଏସ୍ ସିଟ୍ ଅନୁମୋଦିତ ହୋଇଛି । ଜାତୀୟ ମେଡ଼ିକାଲ କମିଶନଙ୍କ ପକ୍ଷରୁ ଫୁଲବାଣୀ ସରକାରୀ ମେଡ଼ିକାଲ କଲେଜ ଓ ତାଳଚେର ପବିତ୍ର ମୋହନ ସରକାରୀ ମେଡ଼ିକାଲ କଲେଜ ପାଇଁ ୧୦୦ଟି ଲେଖାଏଁ ସିଟ୍ ଅନୁମୋଦନ କରାଯାଇଛି । ଚଳିତ ଶିକ୍ଷାବର୍ଷରୁ ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରାଯିବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସ୍ୱାସ୍ଥ୍ୟଶିକ୍ଷାର ଉନ୍ନତି କ୍ଷେତ୍ରରେ ଏହି ନିଷ୍ପତ୍ତି ସହାୟକ ହେବ ।

---

## ରାଜ୍ୟପାଳଙ୍କ ଗସ୍ତ

ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ଅଧିକ ସଂଖ୍ୟାରେ ଦୁଗ୍ଧ ଚାଷୀଙ୍କୁ ସାମିଲ କରିବା ଉପରେ ରାଜ୍ୟପାଳ ଡକ୍ଟର

ହରିବାବୁ କମ୍ପମପାଟି ଗୁରୁତ୍ୱାରୋପ କରିଛନ୍ତି । କଟକ ଜିଲ୍ଲା ଗୋବିନ୍ଦପୁର ଅରିଲୋସ୍ଥିତ ଓମ୍‌ଫେଡ୍ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରିବା ଅବସରରେ ରାଜ୍ୟପାଳ ଏହା କହିଛନ୍ତି । ବ୍ୟାଙ୍କ ଗୁଡ଼ିକ ସହ ଉତ୍ତମ ସମନ୍ୱୟ ରକ୍ଷା ମାଧ୍ୟମରେ ଦୁଗ୍ଧ ଚାଷୀଙ୍କୁ ଋଣ ପ୍ରଦାନ ସୁନିଶ୍ଚିତ କରିବା ଲାଗି ରାଜ୍ୟପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

---

# ଓଡ଼ିଶା ନିବାସ-କାଫେ

ନୂଆଦିଲ୍ଲୀସ୍ଥିତ ଓଡ଼ିଶା ନିବାସଠାରେ ଓମ୍‌ଫେଡ୍ କାଫେ ଓ କୋରାପୁଟ କଫି କାଫେକୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ । ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ଯୋଗଦେବେ ।

---

# ଛତିଶା ନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୭ ତାରିଖରେ ହେବାକୁ ଥିବା ଚନ୍ଦ୍ରଗ୍ରହଣ ପରିପ୍ରେକ୍ଷୀରେ ଠାକୁରଙ୍କ ନୀତି ନିର୍ଘଣ୍ଟ ସ୍ଥିର କରାଯାଇଛି । ଧାଡ଼ି ଦର୍ଶନ ପାଇଁ ବୈଠକରେ ବିସ୍ତୃତ ଆଲୋଚନା ହେବା ସହ ପରୀକ୍ଷାମୂଳକ ଭାବେ ଏହାକୁ କାର୍ଯ୍ୟକାରୀ କରିବା ନେଇ ମତ ବିନିମୟ ହୋଇଛି । ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ ଆଜି ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି ।

---

## ଚିନିବୋର୍ଡ

ପୁଷ୍ଟିକର ଖାଦ୍ୟକୁ ପ୍ରୋତ୍ସାହନ ଯୋଗାଇବା ପାଇଁ ଅଙ୍ଗନବାଡ଼ି କେନ୍ଦ୍ରରେ ଚିନି ବୋର୍ଡ ସ୍ଥାପନ କରାଯିବ । ଚିନିର ଅତ୍ୟଧିକ ବ୍ୟବହାର ଦ୍ୱାରା ସ୍ୱାସ୍ଥ୍ୟ ଉପରେ ପଡୁଥିବା ପ୍ରତିକୂଳ ପ୍ରଭାବ ସଂପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ ଏହି ବୋର୍ଡ ସ୍ଥାପନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ପୋଷଣ ଅଭିଯାନ ଏବଂ ଫିଟ୍ ଇଣ୍ଡିଆ ଆନ୍ଦୋଳନର ଉଦ୍ଦେଶ୍ୟ ଏହା ମାଧ୍ୟମରେ ସଫଳ ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ନୋଡାଲ କମିଶନରଙ୍କ ଗସ୍ତ

ରାଜ୍ୟ ସରକାରଙ୍କ ଜିଲ୍ଲା ନୋଡାଲ୍ କମିଶନର ଅରବିନ୍ଦ ଅଗ୍ରୱାଲ ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପୌରପରିଷଦ ଅଞ୍ଚଳ ପରିଦର୍ଶନ କରିଛନ୍ତି । ମିଶନଶକ୍ତି ଓ ଓର୍ମାସ ଦ୍ୱାରା ପରିଚାଳିତ ତାଲିମ କାର୍ଯ୍ୟକ୍ରମରେ ବୁଣାକାର ଏବଂ ଉତ୍ପାଦକ କମ୍ପାନୀର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି ।

## ସମୀକ୍ଷା

ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଗତକାଲି ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ପରିଦର୍ଶନ କରିଛନ୍ତି । ଆୟୋଗର ସଦସ୍ୟମାନେ ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି କେନ୍ଦ୍ର, ସରକାରୀ ଉଚ୍ଚବିଦ୍ୟାଳୟ, ସେରଙ୍ଗ ଗ୍ରାମର ଛତୁଆ ପ୍ରସ୍ତୁତି କେନ୍ଦ୍ର ଏବଂ ତୁମୁଲା ଗ୍ରାମ ପରିଦର୍ଶନ କରି ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ଏବଂ ସରକାରୀ ଯୋଜନା କାର୍ଯ୍ୟକାରିତା ନେଇ ସମୀକ୍ଷା କରିଛନ୍ତି ।

# ଚାରା ରୋପଣ

କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ୧୭ ତାରିଖରେ ଏକ ବୃହତ ଚାରାରୋପଣ ଅଭିଯାନ ଆରମ୍ଭ କରାଯିବ । ଏକ୍ ପେଡ୍ ମା କେ ନାମ୍ ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ପାଖାପାଖି ଅଢ଼େଇଲକ୍ଷ ଚାରା ରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ଗତକାଲି ଏ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

---

# ବୈଠକ

ସମ୍ବଲପୁରଠାରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଆଧାରିତ ଜିଲ୍ଲା ଷ୍ଟିଅରିଂ କମିଟି ତଥା ପ୍ରକଳ୍ପ ପରିଚାଳନା ୟୁନିଟ୍‌ର ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଲକ୍ଷ୍ୟ, ଆନୁସଙ୍ଗିକ ପଦକ୍ଷେପ ଏବଂ ପ୍ରତି ମାସରେ ତାଲିମ କାର୍ଯ୍ୟକ୍ରମ ସଂକ୍ରାନ୍ତ ପ୍ରସଙ୍ଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

---

# ପ୍ରସ୍ତୁତି ବୈଠକ

ନୂଆପଡ଼ା ଜିଲ୍ଲାରେ ଆଦି କର୍ମଯୋଗୀ ଅଭିଯାନର କାର୍ଯ୍ୟକାରିତା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ଯୋଜନା ଅଧୀନରେ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ଉପରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ  ଆଲୋଚନା ହୋଇଛି ।

---

# ପାଣିପାଗ

ଉତ୍ତର-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ରର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨୧ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ କାଙ୍ଗୁରୁକୁଣ୍ଡା ପୋଲ ଉପରେ ପ୍ରାୟ ୫ଫୁଟ ବନ୍ୟାଜଳ ପ୍ରବାହିତ ହେଉଛି । ଫଳରେ ମାଲକାନାଗିରିରୁ କାଲିମେଲା, ଏମ୍‌ଭି-୭୯ ଏବଂ ମୋଟୁ ସହ  ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ଅପରପକ୍ଷରେ ଚଳିତ ମାସ ଆରମ୍ଭରୁ ରାଜ୍ୟରେ ସ୍ୱାଭାବିକଠାରୁ ୭ ପ୍ରତିଶତ ଅଧିକ ବର୍ଷା ହୋଇଥିବା ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ।